# ଓଡ଼ିଶାକୁ ଏକ ଇଣ୍ଟରନେଟ ରାଜ୍ୟରେ ପହଞ୍ଚାଇବା ପାଇଁ ଓରଟେଲ୍ ସଂକଳ୍ପବଦ୍ଧ

ଭୁବନେଶ୍ୱର,ତା ୩୧।୩ (ଭୁ.ପ୍ର)–'ଉତ୍କଳ ଦିବସ' ଅବସରରେ ଓଡ଼ିଶାକୁ ଏକ ଆଧୁନିକ ଇଣ୍ଟରନେଟ୍ ରାଜ୍ୟରେ ପହଞ୍ଚାଇବା ପାଇଁ ଓରଟେଲ୍ କମ୍ୟୁନିକେସନ୍ସ ସଂକଳ୍ପବଦ୍ଧ ବୋଲି ସଂସ୍ଥାର ଉପସଭାପତି ବିଭୁପ୍ରସାଦ ରଥ କହିଛନ୍ତି । ଓଡ଼ିଶାରେ ଓରଟେଲ୍ କମ୍ୟୁନିକେସନ୍ସ ଲିମିଟେଡ୍ ଏକମାତ୍ର ଘରୋଇ କେବୁଲ ଟିଭି ନେଟୱାର୍କ ସଂସ୍ଥା ଯାହା ଗୋଟିଏ କେବୁଲ ମାଧ୍ୟମରେ ଏକକାଳୀନ ଗ୍ରାହକମାନଙ୍କୁ ତିନିପ୍ରକାରର ସେବା ଯଥା–କେବୁଲ ଟିଭି, ଇଣ୍ଟରନେଟ୍ ଏବଂ ଟେଲିଫୋନ ସେବା ପ୍ରଦାନ କରିପାରୁଛି । ଏହି ସ୍ୱପ୍ନକୁ ସାକାର କରିବାର ଲକ୍ଷ୍ୟ ନେଇ ଏବେ କଟକ ଓ ଭୁବନେଶ୍ୱର ଯୁଗ୍ମ ସହରରେ ପ୍ରଥମ କରି କେବୁଲ ମାଧ୍ୟମରେ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନ କରି ଭାରତରେ ଏକ ବିଶେଷ ସ୍ଥାନରେ ପହଞ୍ଚି ପାରିଛି । କେବଳ ସେତିକି ନୁହେଁ ଆଧୁନିକ ଯାନ୍ତ୍ରିକ କୌଶଳ କ୍ଷେତ୍ରରେ ମଧ୍ୟ ଏହା ପଛରେ ନାହିଁ । ଡକ୍‌ସିସ୍ ୨.୦ ଟେକନୋଲାଜିକୁ ପ୍ରଚଳନ କରି ଓରଟେଲ୍ ଆଜି ଏସିଆ ମହାଦେଶରେ ପ୍ରଥମ ଓ ସମଗ୍ର ବିଶ୍ୱରେ ସପ୍ତମ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇପାରିଛି । ଆଗାମୀ ଦିନରେ ଓରଟେଲ୍ କମ୍ୟୁନିକେସନ୍ସ ଲିମିଟେଡ୍ ଓଡ଼ିଶାର ପ୍ରତ୍ୟେକ ସହରକୁ ନିଜର ନେଟ୍‌ୱାର୍କକୁ ସମ୍ପ୍ରସାରିତ କରିବା ଉଦ୍ଦେଶ୍ୟରେ ଏକ ଯୋଜନା ପ୍ରସ୍ତୁତ କରିବା ସହିତ ଓଡ଼ିଶାବାସୀଙ୍କ ବହୁ ଆଶା ଓ ପ୍ରତୀକ୍ଷାକୁ ଏକ ସାମାଜିକ ଦାୟିତ୍ୱଭାବେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଆସୁଅଛି ଓ ଏଥିପାଇଁ ଓଡ଼ିଶାବାସୀଙ୍କ ସାହାଯ୍ୟ ଓ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ରଥ ପ୍ରକାଶ କରିଛନ୍ତି ।